## ମୋରମ ଚାଲାଣ : ୨ ହାଇୱା ଜବତ, ୩ ଅଟକ

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ନିଧିପୁର ରାଜସ୍ୱ ସର୍କଲର କୁସପଙ୍ଗୀ ପାହାଡ଼ ଉପରୁ ଶୁକ୍ରବାର ରାତ୍ରରେ ମୋରମ ଚାଲାଣ ହେଉଥିବା ଅଭିଯୋଗରେ ପୋଲିସ ଚଢ଼ାଉ କରିଛି। ଏଥିରେ ୨ ହାଇୱା, ଗୋଟିଏ ପୋଲିନ ମେଶିନ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏଠାକାର କେତେକ ଦଲାଲ ଏକ ଠିକାଦାରୀ ସଂସ୍ଥାକୁ ହାତ କରି ରାତିରେ ମୋରମ ଖୋଳି ଚାଲାଣ କରୁଥିଲେ। ଖବର ପାଇ ଶୁକ୍ରବାର ଏନ୍‌ଫୋର୍ସମେଣ୍ଟ ଟିମ୍ ନିଧିପୁର ଆର୍‌ଆଇ ସୂଚନ୍ଦ୍ର ମହାନ୍ତିଙ୍କ ସହାୟତାରେ କୁସପଙ୍ଗୀ ପାହାଡ଼ରେ ଚଢ଼ାଉ କରିଥିଲେ।



# ପୁରୀ: ଖସୁଛି କରୋନା ଗ୍ରାଫ୍

ପୁରୀ ଅଫିସ,୨୬।୯

■୧୬୮ ନୂଆ ସଂକ୍ରମିତ ଚିହ୍ନଟ

■ମୃତ୍ୟୁ ସଂଖ୍ୟା ୫୦ ଛୁଇଁଲା

ଗତ କିଛିଦିନ ହେଲା ପୁରୀ ଜିଲାରେ କରୋନା ସଂକ୍ରମଣ ସାଂଘାତିକ ସ୍ଥିତିରେ ଥିଲା। ପ୍ରତ୍ୟହ ଦୁଇଶହ କିମ୍ବା ତିନିଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିଲେ। ମାତ୍ର ଏବେ ଏହି ଧାରାରେ ଧୀରେ ଧୀରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଜିଲାର କରୋନା ଗ୍ରାଫ୍ ତଳମୁହାଁ ହୋଇଛି। ଗତ ୫ ଦିନର ତଥ୍ୟ ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଛି। କୋଭିଡ୍ ଟେଷ୍ଟ ସଂଖ୍ୟା ପ୍ରାୟ ସ୍ଥିର ରହିଥିବାବେଳେ ପଜିଟିଭଙ୍କ ସଂଖ୍ୟା କିନ୍ତୁ ହ୍ରାସ ପାଇବାରେ ଲାଗିଛି, ଯାହା ଜିଲାବାସୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର ବୋଲି କୁହାଯାଉଛି।

ଏପ୍ରିଲ ୩ରେ ଜିଲାରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହା ପରେ ୩୬ଦିନ ପର୍ଯ୍ୟନ୍ତ କୌଣସି ସଂକ୍ରମିତ ବାହାରି ନ ଥିଲେ। ମେ ୧୦ରେ ପୁରୀ ସହରରୁ ୨ଜଣ ପଜିଟିଭ ଚିହ୍ନଟ ହେଲେ। ଏହାପରଠୁ ଜିଲାରେ ସ୍ଥିତି ଜାହିର କରିଥିଲା କରୋନା। ସେପ୍ଟେମ୍ବର ଆରମ୍ଭରୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ପ୍ରତିଦିନ ଦୁଇଶହ କିମ୍ବା ତିନିଶହ ଉପରେ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଅଗଷ୍ଟ ୩୧ ସୁଦ୍ଧା ଜିଲାର ମୋଟ ପଜିଟିଭ ସଂଖ୍ୟା ଥିଲା ୩,୭୮୮। ମାତ୍ର ବର୍ତ୍ତମାନ ସଂଖ୍ୟା ୯,୪୪୧ରେ ପହଞ୍ଚିଲାଣି। ଏବେ କିନ୍ତୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ତଥ୍ୟ ଅନୁଯାୟୀ, ଗତ ୨୨ ତାରିଖରେ ଜିଲାରୁ ୨୬୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏହିଦିନ ସୁଦ୍ଧା ୮୨,୫୮୩ କୋଭିଡ୍ ଟେଷ୍ଟ ହୋଇଥିଲା। ଏହା ପରବର୍ତ୍ତୀ ୪ ଦିନ ଯଥାକ୍ରମେ ୧,୧୬୯, ୧,୧୭୩, ୧,୧୭୦ ଓ ୧,୧୬୨ କୋଭିଡ୍ ଟେଷ୍ଟ ହୋଇଥିଲା। ମାତ୍ର ପଜିଟିଭଙ୍କ ସଂଖ୍ୟା କମିଥିଲା। ଅର୍ଥାତ୍ ଗତ ୨୩ରୁ ୨୬ ତାରିଖ ମଧ୍ୟରେ ଯଥାକ୍ରମେ ୨୧୯, ୨୦୩, ୧୯୯ ଏବଂ ୧୬୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ତାଲିକାକୁ ଦେଖିଲେ ମୋଟ ପଜିଟିଭ କ୍ଷେତ୍ରରେ ଖୋର୍ଦ୍ଧା, ଗଞ୍ଜାମ ଓ କଟକ ପରେ ପୁରୀ ଚତୁର୍ଥ ସ୍ଥାନରେ ଏବଂ ସକ୍ରିୟ ସଂକ୍ରମିତଙ୍କ କ୍ଷେତ୍ରରେ ଖୋର୍ଦ୍ଧା ଓ କଟକ ପରେ ପୁରୀ ତୃତୀୟ ସ୍ଥାନରେ ରହିଛି।

ସେହିପରି ଶନିବାର ଜିଲାରୁ ୧୬୮ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପୁରୀ ପୌରାଞ୍ଚଳରୁ ୫୬ ଏବଂ ବିଭିନ୍ନ ବ୍ଲକରୁ ୧୧୨ ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୯,୪୪୧ ଛୁଇଁଛି। ଏମାନଙ୍କ ମଧ୍ୟରୁ ୭,୫୭୯ ଜଣ ସୁସ୍ଥ ହୋଇଥିବାବେଳେ ୧,୮୧୨ ଜଣ ଚିକିତ୍ସାଧୀନ ଅଛନ୍ତି। ଏହି ମହାମାରୀ ପୁଣି ୩ ଜଣଙ୍କ ଜୀବନ ନେଇଛି। ଫଳରେ ଏ ପର୍ଯ୍ୟନ୍ତ କରୋନାରେ ମୋଟ ୫୦ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ଏବେ ସୁଦ୍ଧା ଜିଲାରୁ ମୋଟ ୮୭,୨୫୭ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୦.୨୭ ପ୍ରତିଶତ। ପୁରୀ ଜିଲା ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଅଧିକ ଡାକ୍ତର ସାଙ୍ଗକୁ ଟେଷ୍ଟ ସଂଖ୍ୟା ବଢ଼ାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଗୁରୁତର ରୋଗୀଙ୍କୁ ଆଇସିୟୁ ସୁବିଧା ମିଳିବା ଉପରେ ଗୁରୁତ୍ୱ ଦିଆଯିବା ସହ ପୋଲିସ ପକ୍ଷରୁ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରାଯାଉଛି। ଯେଉଁମାନେ ମାସ୍କ ପିନ୍ଧୁନାହାନ୍ତି କିମ୍ବା କୋଭିଡ୍ ଗାଇଡ୍ ଲାଇନ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ସଂକ୍ଷେପରେ

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୯୧ ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୬।୯: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୧୯୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୩୦ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୫, ବାଲିପାଟଣା ୧୬, ଭୁବନେଶ୍ୱର ବ୍ଲକ ୧୫, ଜଟଣୀ ୧୭, ଖୋର୍ଦ୍ଧା ବ୍ଲକ ୪୪, ବେଗୁନିଆ ୪୯, ବୋଲଗଡ଼ ୧୧, ଟାଙ୍ଗୀ ୧୧, ଚିଲିକା ୧୧ ଏବଂ ବାଣପୁରର ୧୨ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ଶନିବାର ସୁଦ୍ଧା ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯୫୪୯ରେ ପହଞ୍ଚିଛି। ୮୩୪୮ଜଣ ସୁସ୍ଥ ହୋଇଥିବା ବେଳେ ୧୧୬୧ଜଣ ସକ୍ରିୟ ରହିଛନ୍ତି। ୪୦ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଖୋର୍ଦ୍ଧା ଉପଖଣ୍ଡରେ ଶୁକ୍ରବାର ସୁଦ୍ଧା ୫୯୮୦ଜଣ ଆକ୍ରାନ୍ତ ହୋଇଥିବା ବେଳେ ୫୩୧୪ଜଣ ସୁସ୍ଥ ହୋଇଛନ୍ତି। ୨୮ଜଣଙ୍କ ମୃତ୍ୟୁ ଘଟିଛି। ୬୩୭ଜଣ ସକ୍ରିୟ ରହିଥିବା ବେଳେ ୪୯୭ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ସୁସ୍ଥ ହାର ୮୮% ରହିଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

କଟକ ଅଫିସ,୨୬।୯: ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ନେଇ ଶନିବାର କଟକ ନଗର ଭାଜପା ପକ୍ଷରୁ ପକ୍ଷରୁ ରାଣୀହାଟସ୍ଥିତ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ସମୟରେ ୟୁନିଟ ପିଛା ୨୦ପଇସା ବୃଦ୍ଧି କରିବା ଦୁର୍ଭାଗ୍ୟଜନକ ବୋଲି ଜିଲା ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି। କେନ୍ଦ୍ର ସରକାର ୮୪କୋଟି ଟଙ୍କା ବିଦ୍ୟୁତ୍ ରିହାତି ଘୋଷଣା କରିଥିବା ବେଳେ ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ରଶ୍ମିରେଖା ଦାସ, ଅମ୍ବିକା ସାମଲ, ସ୍ମୃତିରଞ୍ଜନ ମିଶ୍ର, ଅମିତ ମିତ୍ର, ସୁଶାନ୍ତ ବେହେରା, କମଲ କୁମାର ମଣ୍ଡଳ, ଦେବାନନ୍ଦ ସିଂ ପ୍ରମୁଖ ଯୋଗଦେଇଥିଲେ।

### ୨ ବଖରା ଜଳିଗଲା

ବ୍ରହ୍ମଗିରି,୨୬।୯(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅଧୀନ କାଣ୍ଡଗୋଦା ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳି ଯାଇଛି। ଏହି ଗ୍ରାମର ଜୟା ଜେନାଙ୍କ ଘରେ ରାତିରେ ଶୋଇଥିବାବେଳେ ଘରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଜୟାଙ୍କ ୨ ବଖରା ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି।

### ଅଞ୍ଚଳ ସମସ୍ୟା ଦୂର ପାଇଁ ଯୁବଗୋଷ୍ଠୀ ଏକାଠି

ପୁରୀ ଅଫିସ,୨୬।୯: ସମସ୍ୟାରେ ବୁଡ଼ିଛି ଛଇତନା ପ୍ରାଥମିକ ଚିକିତ୍ସାଳୟ। ଚିକିତ୍ସା ସେବାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ବିଗିଡ଼ି ଯାଇଛି। ଏଥିଯୋଗୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଚିକିତ୍ସାଳୟ ପରିସରରେ ଅନାବନା ଗଛଲତା ଉଠି ଜଙ୍ଗଲିଆ ଦେଖାଯାଉଛି। ଅଳିଆ ଆବର୍ଜନା ମଧ୍ୟ ବିଭିନ୍ନ ସ୍ଥାନରେ ପଡ଼ିଛି। ଚିକିତ୍ସାଳୟ ନିକଟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ସେମାନେ ମଦ୍ୟପାନ ପରେ ବୋତଲକୁ ଚିକିତ୍ସାଳୟ ପରିସରକୁ ଫିଙ୍ଗୁଛନ୍ତି। ଏହାକୁ ସଫା କରିବା କରିବା ଧ୍ୟାନ ଦିଆଯାଉ ନାହିଁ। ତେଣୁ ଅଞ୍ଚଳର ସମସ୍ୟା ଦୂର ପାଇଁ ସ୍ଥାନୀୟ ଯୁବଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି। ଶୁକ୍ରବାର ମେଳଣ ପଡ଼ିଆରେ ଛଇତନା ଅଞ୍ଚଳର ଯୁବକମାନେ ଏକାଠି ହୋଇଥିଲେ। ସେମାନେ ଯୁବ ସ୍ୱାଭିମାନ ମଞ୍ଚ ନାମରେ ଏକ କମିଟି ଗଠନ କରିଛନ୍ତି। କମିଟି ସଭାପତି ଭାବେ ଦୀପକ ସାହୁ, ଉପସଭାପତି ପ୍ରଦୀପ ବିଶ୍ୱାଳ ଓ ରଘୁନାଥ ସ୍ୱାଇଁ, ସମ୍ପାଦକ ଦୁର୍ଯ୍ୟୋଧନ ଦଳାଇ, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଜେନା ଏବଂ କୋଷାଧ୍ୟକ୍ଷ ଭାବେ ଭାରତ ଭୂଷଣ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ମାନସରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ହର୍ଷବର୍ଦ୍ଧନ ପାଇକରାୟ ଏବଂ ବିକ୍ରମ କେଶରୀ ଆଚାର୍ଯ୍ୟ ଉପଦେଷ୍ଟା ରହିଛନ୍ତି। ଏହି କମିଟି ମାଧ୍ୟମରେ ଅଞ୍ଚଳର ବିଭିନ୍ନ ସମସ୍ୟା ଦୂର କରାଯିବାକୁ ସ୍ଥିର ହୋଇଛି। ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଦୂର କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

# ଲୁଟିବା ପରେ କାର୍‌ରେ ଗୋଡ଼ାଇଥିଲେ ଲୁଟେରା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**ଅପହରଣ ପରେ ଆକ୍ରମଣ କରି ଲୁଟ୍ ଘଟଣା**

ଖଣ୍ଡଗିରି ଥାନା ଅଞ୍ଚଳରେ ଦୁଇ ଯୁବକଙ୍କୁ ଅପହରଣ ପରେ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଘଟଣାରେ ପୋଲିସକୁ ସିସିଟିଭି ଫୁଟେଜ ହସ୍ତଗତ ହୋଇଛି। ଆକ୍ରମଣର ଶିକାର ୨ ଯୁବକ ରାସ୍ତାରେ ଜୀବନ ବିକଳରେ ଦୌଡୁଥିବାବେଳେ ଲୁଟେରାମାନେ କାରରେ ସେମାନଙ୍କୁ ଗୋଡ଼ାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଉକ୍ତ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଏଥିସହ ଘଟଣା ସମୟରେ ଉକ୍ତ ସ୍ଥାନରେ ରହିଥିବା ମୋବାଇଲ୍ ଫୋନ୍ ଲୋକେଶନରୁ ଅଭିଯୁକ୍ତଙ୍କୁ ଠାବ କରିବା ପୋଲିସ ପାଇଁ ସହଜ ହେବ ବୋଲି କୁହାଯାଇଛି।

ସୂଚନା ମୁତାବକ, ରସୁଲଗଡ଼ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତରଣୀସେନ୍ ଧାରୁଆଙ୍କର ଜଣେ ସାଙ୍ଗଙ୍କ ମା' କ୍ୟାନସର ପୀଡିତା ଅଛନ୍ତି। ତାଙ୍କର ଚିକିତ୍ସା ନିମନ୍ତେ ଗୁରୁବାର ରାତିରେ ଉଭୟ ଏମ୍‌ସ ହସ୍ପିଟାଲରୁ ବାଇକରେ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ବରମୁଣ୍ଡା ଓଭର ବ୍ରିଜ ପୂର୍ବରୁ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଭରତପୁର ରାସ୍ତା ପଚାରିଥିଲେ। ସେମାନେ ସହାୟତା କରିବାକୁ ଅଟକିବାକ୍ଷଣି ଦୁର୍ବୃତ୍ତମାନେ ହଠାତ ମୁଣ୍ଡରେ ବନ୍ଧୁକ ଲଗାଇ ବାଇକ ଚାବି ଛଡାଇ ନେବା ସହ ଏକ ଧଳା ସ୍ୱିଫ୍ଟ କାରରେ ଉଭୟଙ୍କୁ ଅପହରଣ କରିନେଇଥିଲେ। କାର ଭିତରେ ମାଡ ମାରିବା ସହ ୩ ହଜାର ଟଙ୍କା, ମୋବାଇଲ ଫୋନ୍, ଏଟିଏମ କାର୍ଡ ଆଦି ଛଡ଼ାଇ ନେଇଥିଲେ। ଏଟିଏମ୍ ଓ ମୋବାଇଲ ପାସ୍‌ୱାର୍ଡ ନ ଦେବାରୁ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ କାମୁଡି କ୍ଷତାକ୍ତ କରି ଦେଇଥିଲେ। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଉଭୟଙ୍କୁ କାରରୁ ବାହାରକୁ ଫୋପାଡି ଦେଇଥିଲେ। ଏହାପରେ ତରଣୀସେନ ଓ ତାଙ୍କ ସାଙ୍ଗ ଜୀବନ ବଞ୍ଚାଇବାକୁ ରାସ୍ତାରେ ଦୌଡ଼ିଥିଲେ। ପୂରା ଘଟଣା ଓ ଲୁଟ୍‌ର ତରିକାରୁ ଲୁଟେରାମାନେ ନିଶାସକ୍ତ ଥିବା ଜଣାପଡୁଛି। ବିଶେଷକରି ବ୍ରାଉନସୁଗାର ସେବନ କରୁଥିବା ଓ ଏଥିପାଇଁ ଏପରି ଲୁଟ୍‌ପାଟ କରୁଥିବା ପୋଲିସ ଅନୁମାନ କରୁଛି।

## ୭୫୯୮୦ ଟଙ୍କା ଜରିମାନା ଆଦାୟ, ଦୋକାନ ସିଲ୍

ନିରାକାରପୁର,୨୬।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି। ହେଲେ କେତେଜଣ ଅମାନିଆ ଏହି ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଶନିବାର ଟାଙ୍ଗୀ ତହସିଲଦାର ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ନିରାକାରପୁର ହାଟ, ବଡ଼ବଜାର, ଗେଟ ବଜାର, କଲେଜ ଛକ ଷ୍ଟେଶନ ବଜାର, ପେଟ୍ରୋଲ ଟାଙ୍କି, ରାମେଶ୍ୱର ଛକ ଓ ଭୁଷଣ୍ଡପୁର ବଜାରରେ ଯାଞ୍ଚ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ଓ ସାମାଜିକ ଦୂରତ୍ୱ ଉଲ୍ଲଂଘନକାରୀଙ୍କଠାରୁ ୭୫ହଜାର ୯୮୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହ ଏକ ଦୋକାନକୁ ସିଲ୍ କରାଯାଇଛି। ଯାଞ୍ଚ ସମୟରେ ତହସିଲଦାର ଦାସ ନିରାକାରପୁର ଅଞ୍ଚଳରୁ ୩ଟି ଚୋରା ପଥର ଚାଲାଣ ଟ୍ରକ୍ ଜବତ କରିଛନ୍ତି।

## କଟକ ଜିଲାରୁ ୪୦୯, ସିଏମ୍‌ସିରୁ ୨୧୭ ଆକ୍ରାନ୍ତ

କଟକ ଅଫିସ,୨୬।୯

କଟକ ଜିଲାରେ ଶନିବାର ୪୦୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୨୧୭ଜଣ କଟକ ମହାନଗର ନିଗମ(ସିଏମସି) ଅଞ୍ଚଳର ରହିଛନ୍ତି। ଗ୍ରାମାଞ୍ଚଳରେ ଆକ୍ରାନ୍ତଙ୍କ ମଧ୍ୟରେ ନିଆଳି ୩୩, ସଦର ୨୭, ସାଲେପୁର ୧୦, ଆଠଗଡ଼ ୧୫, ବଡ଼ମ୍ବା ୧୨, ବାଙ୍କୀ ୨୦, ବାରଙ୍ଗ ୬, ଚୌଦ୍ୱାର ୧୩, ଡମପଡ଼ା ୩, କଣ୍ଟାପଡ଼ା, ତିଗିରିଆ, ଆଠଗଡ଼ ଏନ୍‌ଏସି ଓ ମାହାଙ୍ଗାରୁ ୭, ନିଶ୍ଚିନ୍ତକୋଇଲି ୪, ନରସିଂହପୁର ଓ ଟାଙ୍ଗୀରୁ ୮ଜଣ ଲେଖାଏ ରହିଛନ୍ତି। ସେହିପରି ସିଏମ୍‌ସିରେ ଚିହ୍ନଟ ହୋଇଥିବା ୨୧୭ଜଣଙ୍କ ମଧ୍ୟରେ ୪୪ଜଣ ସରକାରୀ କ୍ୱାରାଣ୍ଟାଇନ, ୭୫ଜଣ ହୋମ୍ କ୍ୱାରାଣ୍ଟାଇନରୁ ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ୯୮ଜଣ ରହିଛନ୍ତି। ଜିଲାରୁ ୪୧୧ଜଣ ସୁସ୍ଥ ହୋଇଥିବା ବେଳେ ସିଏମସିରୁ ୨୨୫ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଏପର୍ଯ୍ୟନ୍ତ ସିଏମ୍‌ସିରୁ ୧୧ହଜାର ୩ଶହ ୪୬ଜଣ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ହଜାର ୫ ଶହ ୭୩ଜଣ ସୁସ୍ଥ ହୋଇଛନ୍ତି। ୨ହଜାର ୭ଶହ ୩୧ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ବେଳେ ୪୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଜିଲାରେ ୧୯ହଜାର ୨ଶହ ୩୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ହଜାର ୬ଶହ ୩୪ଜଣ ଚିକିତ୍ସିତ ହେଉଛନ୍ତି। ୧୪ହଜାର ୫ଶହ ୩୩ଜଣ ରୋଗୀ ସୁସ୍ଥ ହୋଇଥିବା ବେଳେ ୬୨ଜଣଙ୍କର ମୃତ୍ୟୁ ଘଟିଛି।

## ଧାରଣାରେ ବସିଲେ ମହିଳା ଖବରଦାତା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**ଅସଦାଚରଣ ସହ ହତ୍ୟା ଧମକ ଘଟଣା**

ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପରିସରରେ ଜଣେ ମହିଳା ଖବରଦାତାଙ୍କୁ କେତେଜଣ ଯୁବକ ଅସଦାଚରଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରିବା ସହ ନ୍ୟାୟ ପାଇଁ ପୀଡିତା ଜଣକ ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତାଙ୍କ ସହ ଆଉ କେତେଜଣ ଖବରଦାତା ମଧ୍ୟ ଧାରଣାରେ ବସିଥିଲେ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଭିଡିଓ କନ୍‌ଫରେନ୍ସରେ ସେମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବରିଷ୍ଠ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ଉଠିଥିଲେ।

ସୂଚନା ମୁତାବକ, ମହିଳା ଖବରଦାତା ଜଣକ ପ୍ରାୟ ୮ଦିନ ତଳେ କୌଣସି କାର୍ଯ୍ୟରେ ଉକ୍ତ ହସ୍ପିଟାଲକୁ ଯାଇଥିଲେ। ଏହି ସମୟରେ ୬ରୁ ୭ ଜଣ ଯୁବକ ତାଙ୍କ ସହ ବଚସା କରିଥିଲେ। ଏହାର କିଛି ସମୟ ପରେ ସେମାନେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ମହିଳା ଖବରଦାତା ଜଣକ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଦିନ ଗଡ଼ାଇଥିଲା। ଏବେ ଅସଦାଚରଣର ଶିକାର ହୋଇଥିବା ଖବରଦାତାଙ୍କ ନାଁରେ ଓଲଟା ଅଭିଯୋଗ ହୋଇଥିବା ପୋଲିସ ଜଣାଇବା ପରେ ସେ ବାଧ୍ୟହୋଇ ଧାରଣାରେ ବସିଥିଲେ। ତାଙ୍କ ସହ କମିଶନରେଟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ତାଙ୍କର କିଛି ସମର୍ଥକଙ୍କୁ ଧରି ଧାରଣାରେ ବସିଥିଲେ।

## ଏନ୍‌ଏଚ୍‌ଆର୍‌ସିରେ ବୃଦ୍ଧଙ୍କ ହାତଗୋଡ଼ ଭାଙ୍ଗିବା ମାମଲା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

କଣାସ ଥାନା ପୋଲିସ ସେହି ଅଞ୍ଚଳର ଗୋକୁଳ ମହାପାତ୍ର (୮୩)ଙ୍କୁ ବାଡ଼େଇ ହାତଗୋଡ଼ ଭାଙ୍ଗିବା ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ଅଭିଯୋଗ ହୋଇଛି। ଏହିଅଭିଯୋଗ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କରିଛନ୍ତି। ସେ କମିଶନଙ୍କୁ ନିବେଦନ କରିଛନ୍ତି ଯେ, ଆହତ ବୃଦ୍ଧଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏହି ଟଙ୍କା ପରବର୍ତ୍ତୀ ଶୁଣାଣି ପରେ ଦିଆଯାଉ। ଏହି ଘଟଣାର ତଦନ୍ତ ପାଇଁ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଅଭିଯୁକ୍ତ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ। ଏସ୍‌ପି ଉକ୍ତ ପୋଲିସଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ୩ ସପ୍ତାହ ମଧ୍ୟରେ ଜଣାଇବାକୁ କମିଶନ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ହିମାଂଶୁ ନିବେଦନ କରିଛନ୍ତି।

## ଗାର୍ଡୱାଲରେ ଅଟକିଛି ଚିଲିକା ରିଙ୍ଗ୍ ବନ୍ଧ

ବ୍ରହ୍ମଗିରି,୨୬।୯(ଡି.ଏନ୍.ଏ.)

**ଜୁଆର ମୁହଁରେ ଅରଖକୁଦା, ଗୋପୀନାଥ ପଞ୍ଚାୟତ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅରଖକୁଦା ଓ ଗୋପୀନାଥପୁର ପଞ୍ଚାୟତର ଅନେକ ଗାଁ ଚିଲିକା ଉପକୂଳରେ ରହିଛି। ବନ୍ୟା, ବାତ୍ୟା, ଲଗାଣ ବର୍ଷା ହେଲେ ପ୍ରାୟ ସମୟ ଏହି ଗାଁରେ ଚିଲିକାର ଜୁଆର ପାଣି ପଶିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ରିଙ୍ଗ ବନ୍ଧ ବା ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଯୋଜନା କରିଥିଲେ। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ସରି ନ ଥିବାବେଳେ ନେଇଥିବା ଠିକା ସଂସ୍ଥା କେବଳ ଗାର୍ଡ ୱାଲ କାମ କରି ରହିଯାଇଛି। ଏହା ଯୋଗୁ କେତେକ ସ୍ଥାନରେ ଗାର୍ଡୱାଲ ଡେଇଁ ମଧ୍ୟ ଗ୍ରାମ ମଧ୍ୟକୁ ପାଣି ପଶୁଥିବାରୁ ଲୋକେ ଭୟଭୀତ ହୋଇରହିଛନ୍ତି। ଏହି ୨ ପଞ୍ଚାୟତର ଅରଖକୁଦା, ଜେନାପୁର, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର ଭଳି ଅନେକ ମତ୍ସ୍ୟଜୀବୀ ଗାଁ ଚିଲିକା କୂଳରେ ରହିଥିବାରୁ ଉକ୍ତ ଗାଁ ପ୍ରତି ଚିଲିକା ଓ ସମୁଦ୍ରର ସୁଉଚ୍ଚ ଜୁଆର ସଦାସର୍ବଦା ବିପଦ ସାଜୁଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି ବୋଲି ଅରଖକୁଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳଭଦ୍ର ନାୟକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦୋରା କୁହନ୍ତି ସମ୍ପୃକ୍ତ ଠିକା ସଂସ୍ଥାକୁ ପୂଜା ଛୁଟି ପରେ କାର୍ଯ୍ୟ କରିବା ପାଇଁ ନୋଟିସ୍ ଦିଆଯାଇଛି। ଯଦି ଏହି କାର୍ଯ୍ୟ କରା ନ ଯାଏ ତେବେ ସାନି ଟେଣ୍ଡର କରାଯିବ ବୋଲି ସେ କହିଛନ୍ତି।


ଅରଖକୁଦା ଗ୍ରାମରେ ହୋଇଥିବା ଗାର୍ଡୱାଲ

## ଚାଲିଛି ବେଳାଭୂମି ରାସ୍ତା ଫୁଟ୍‌ପାଥ ନିର୍ମାଣ

ପୁରୀ ଅଫିସ,୨୬।୯

ବିଭିନ୍ନ ସମୟରେ ସମୁଦ୍ର ଜୁଆର କୂଳ ଲଂଘୁଛି। ବେଳେ ବେଳେ ଉଚ୍ଚ ଜୁଆର ରାସ୍ତା କଡ଼ ଫୁଟ୍‌ପାଥ ପାଖକୁ ମାଡ଼ି ଆସୁଛି। ଫଳରେ ରାସ୍ତା ନଷ୍ଟ ହେଉଛି। ତେଣୁ ବର୍ତ୍ତମାନ ବେଳାଭୂମି ରାସ୍ତା ସମ୍ପ୍ରସାରଣ ସମେତ ରାସ୍ତାକଡ଼ ଫୁଟ୍‌ପାଥ କାମ ବି ଚାଲିଛି। ସ୍ୱର୍ଗଦ୍ୱାରଠାରୁ ମଙ୍ଗଳା ମୁହାଣ ଆଡ଼କୁ ରାସ୍ତା ଶେଷ ପର୍ଯ୍ୟନ୍ତ ଏହି ଫୁଟ୍‌ପାଥ ତିଆରି କରାଯିବ। ପୂର୍ବରୁ ଇଟା ତିଆରି ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଥିଲା। ମାତ୍ର ତାହା ଭାଙ୍ଗିଯିବା ପରେ ବେଳାଭୂମି କଡ଼ ଫାଙ୍କା ରହିଥିଲା। ଫଳରେ ପବନରେ ବାଲି ଉଡ଼ି ଆସି ରାସ୍ତାରେ ଜମୁଥିଲା। ବର୍ତ୍ତମାନ ବେଳାଭୂମି ଏହି ଫୁଟ୍‌ପାଥ ତିଆରି କରାଯାଉଛି। ବେଳାଭୂମି ମାର୍ଗରେ ଯେଉଁଠି ଫୁଟ୍‌ପାଥ ଭାଙ୍ଗି ଯାଇଛି ତାହା ମଧ୍ୟ ମରାମତି କରାଯିବ ବୋଲି ଆର୍ ଆଣ୍ଡ ବି ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ରାୟ କହିଛନ୍ତି।



# ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ଇଞ୍ଜିନିୟର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

■ଘର ମାଲିକ ବକେୟା ଟଙ୍କା ନ ଦେଇ ଫସାଇବାକୁ ଯୋଜନା

■ନ୍ୟାୟ ବଦଳରେ ହଇରାଣ କରୁଛି ଶହୀଦନଗର ଥାନା ପୋଲିସ

ଶହୀଦନଗର ଥାନାରେ ଜଣେ ସିଭିଲ୍ ଇଞ୍ଜିନିୟର ନ୍ୟାୟ ପାଇବା ବଦଳରେ ନିର୍ଯାତନାର ଶିକାର ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଯାଇ ବାରମ୍ବାର ଥାନାକୁ ଡକାଇ ହଇରାଣ କରାଯାଉଛି। ଶେଷରେ ସେ ଡିସିପିଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ନ୍ୟାୟ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଟଙ୍କପାଣି ରୋଡ୍‌ରେ ରହୁଥିବା ଜ୍ୟୋତିଭୂଷଣ ଭଞ୍ଜ ନାମକ ଜଣେ ସିଭିଲ ଇଞ୍ଜିନିୟର ୨୦୧୭ ମେ'ରେ କେଶୁରା ନିକଟରେ ଜଣେ ବ୍ୟକ୍ତିଙ୍କ ଘର କାମ ଆରମ୍ଭ କରିଥିଲେ। କାମ ନେଇ ସେମାନଙ୍କ ମଧ୍ୟରେ ଏକ ଚୁକ୍ତି ମଧ୍ୟ ହୋଇଥିଲା। ୨୦୧୮ରେ କୋଠା ନିର୍ମାଣ ସରିଯାଇଥିଲା। ତେବେ ଉକ୍ତ ଘରର ରଙ୍ଗ, ପାଣି ପାଇପ୍ ଓ ଟାଇଲ କାମ ପାଇଁ ସେ ୩ଜଣ ଠିକାଦାରଙ୍କୁ ୨୦୧୯ ଜାନୁୟାରୀରେ ନିଯୁକ୍ତ କରିଥିଲେ। ସେମାନଙ୍କୁ ଜ୍ୟୋତିଭୂଷଣ ହିଁ ଟଙ୍କା ଦେଉଥିଲେ। ହେଲେ ଜୁନ୍ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଅବହେଳା କରିବାରୁ ଜ୍ୟୋତିଭୂଷଣଙ୍କର ଦେଢ ଲକ୍ଷ ଟଙ୍କାର ସିମେଣ୍ଟ, ରଙ୍ଗ ଓ ଅନ୍ୟ ସାମଗ୍ରୀ ନଷ୍ଟ ହୋଇଥିଲା। ଏନେଇ ସେ ଘର ମାଲିକଙ୍କୁ ଜଣାଇବା ପରେ ସେ ତାଙ୍କୁ ସାଇଡ୍ ହୋଇଯାଅ ଅନ୍ୟମାନେ କାମ କରିବେ ବୋଲି କହିଥିଲେ। ହେଲେ ଜ୍ୟୋତିଭୂଷଣ ଆଉ ଟଙ୍କା ପାଇବାକୁ ଥିବାରୁ ଘର ମାଲିକ ମାପଚୁପ ହେବାପରେ ଯାହା ଟଙ୍କା ହେବ ଦେଇଦେବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଘର ମାଲିକ କିଛି ବି ଶୁଣି ନ ଥିଲେ କି ଟଙ୍କା ଦେଇ ନ ଥିଲେ। ଶେଷରେ ଯୋଜନାବଦ୍ଧ ଭାବେ ସମ୍ପୃକ୍ତ ୩ଜଣ ଠିକାଦାରଙ୍କୁ ଲଗାଇ ମିଛ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଜ୍ୟୋତିଭୂଷଣଙ୍କୁ ଥାନାକୁ ଡାକି ବିଭିନ୍ନ ହଇରାଣ କରିଥିଲେ। ଏପରି କି ମାମଲାକୁ ସମାଧାନ କରିବାକୁ ଚାପ ପକାଇଥିଲେ। ଘର ମାଲିକ ତାଙ୍କୁ ଆହୁରି ଟଙ୍କା ଦେବେ ବୋଲି କହି ଜ୍ୟୋତିଭୂଷଣ କ'ଣ ପାଇଁ ସମାଧାନ କରିବେ ବୋଲି କହିଥିଲେ। ହେଲେ ପୋଲିସ ଜବରଦସ୍ତ ତାଙ୍କ ଗାଡ଼ି, ଚାବି ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଯାଇଥିଲେ। ଏପରି କି ପରେ ଆଉ ତାଙ୍କ କଥା କେହି ଶୁଣି ନ ଥିଲେ। ଶେଷରେ ସେ ଘର ମାଲିକଙ୍କ ଉପରେ ଥିବା ବାକି ଟଙ୍କା ଫେରିପାଇବା ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡିସିପି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

ଏନେଇ ଶହୀଦନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ସେହି ଭଦ୍ର ବ୍ୟକ୍ତି ଜଣକ ଲେବରଙ୍କୁ ଟଙ୍କା ଦେଉ ନ ଥିବା ଅଭିଯୋଗ ହୋଇଛି। ସେମାନେ ଥାନାକୁ ଆସି ଅଭିଯୋଗ କରିଛନ୍ତି। ତାହାର ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

## ଛାତ୍ର ବିଜେଡି ନୂଆ କମିଟିରେ କଟକ ନେତା

କଟକ ଅଫିସ୍, ୨୬।୯: ରାଜ୍ୟ ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ଏଥିରେ କଟକର ବହୁ ଛାତ୍ର ନେତା ସ୍ଥାନ ପାଇଛନ୍ତି। ଅସିଫ ଆମିନ କଟକ ଜିଲା ଛାତ୍ର ବିଜେଡିର ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଚିନ୍ମୟ ଦାସ, କମଳ ଜ୍ୟୋତି ଦାସ, ସ୍ମିତପ୍ରଜ୍ଞ ଦାସ ରାଜ୍ୟ ଉପସଭାପତି ପଦବୀ ପାଇଛନ୍ତି। ଏହି ୩ଜଣ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିରେ ବେଶ୍ ସକ୍ରିୟ ଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ଲଲାଟ କେଶରୀ ଦାସଙ୍କୁ ସାଧାରଣ ସମ୍ପାଦକ ପଦବୀ ମିଳିଛି। ସୁମନ ବେହେରାଙ୍କୁ ସମ୍ପାଦକ ପଦବୀ ମିଳିଥିବାବେଳେ ଅବିନାଶ ମହାନ୍ତି ମଧ ଏହି ତାଲିକାରେ ରହିଛନ୍ତି।

## କୋଭିଡ୍ କେୟାର ସେଣ୍ଟରରୁ ସାମଗ୍ରୀ ଚୋରି

କଟକ ସଦର,୨୬।୯(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳର ଥିବା କେତେକ କୋଭିଡ୍ ସେଣ୍ଟରରୁ ବେଡ୍, ତକିଆ ଓ ବେଡସିଟ୍ ଚୋରି ହୋଇଥିବା ଜଣାପଡିଛି। ଏନେଇ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ କିଶନନଗର, କନ୍ଦରପୁର ଓ ୪୨ମୌଜା ଫାଣ୍ଡି ପୋଲିସକୁ ଫୋନ ମାଧମରେ ଜଣାଇଛନ୍ତି। ସୂଚନାଥାଉକି, ଜୁଲାଇ ତୃତୀୟ ସପ୍ତାହରେ ବିଭିନ୍ନ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରଙ୍କ ବନ୍ଦ କରିଦେଇଥିଲେ। ଏହା ପରେ ରାଜୀବ ସେବାକେନ୍ଦ୍ରରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଥିଲା। ସେପ୍ଟେମ୍ବର ମାସରେ ଏହାକୁ ମଧ ବନ୍ଦ କରିଦିଆଯାଇଥିଲା।

## ୫୯ନଂ. ୱାର୍ଡ ବିଶୋଧନ ଦାବି

କଟକ ସଦର,୨୬।୯(ଡି.ଏନ୍.ଏ.): କଟକ ମହାନଗର ନିଗମ(ସିଏମସି) ଅଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସିଏମ୍ସିର ୫୯ନଂ. ୱାର୍ଡରେ ୧୦ରୁ ଉର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ୱାର୍ଡର ରାମନଗର, କୋଠସାହି, ଅଢ଼ଙ୍ଗଡିହ, ବଢେଇସାହି, ନଛିପୁର, ନୂଆଗଡ଼, ତେଲଙ୍ଗାପେଣ୍ଠ ବଜାରକୁ ସିଏମ୍ସି ପକ୍ଷରୁ ବିଶୋଧନ କରାଯିବା ପାଇଁ ଗ୍ରାମ୍ୟ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଦାବି କରିଛନ୍ତି।

## ଚୋରା ମୋଟର ପମ୍ପ ଜବତ, ୨ ଗିରଫ

ବାଲିଅନ୍ତା,୨୬।୯(ଡି.ଏନ୍.ଏ.)- ବାଲିଅନ୍ତା ଥାନା ପୋଲିସ ପାଣି ମୋଟର ପମ୍ପ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଭିଙ୍ଗାରପୁର ଶାସନ ଅଞ୍ଚଳର ଅଭୟ ଭୋଇ ଓ ଅଭିମନ୍ୟୁ ଭୋଇ। ପୋଲିସ ସେମାନଙ୍କଠାରୁ ୨ଟି ଚୋରା ମୋଟର ପମ୍ପ ଜବତ କରିଛି। ଏମାନେ ଚୋରି କରୁଥିବା ପମ୍ପଗୁଡ଼ିକୁ ଧାନ ବିଲରେ ଲୁଚାଇ ରଖୁଥିଲେ। ଏ ନେଇ ଥାନାରେ ନଂ.୨୨୧/୨୦ରେ ଏକ ମାମଲା ରୁଜୁ କରିଛି। ଏହି ଚୋରିରେ ଅନ୍ୟ ଜଣେ ଅଭିଯୁକ୍ତ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

## ସଞ୍ଜୀୟ, ସୁରେନ୍ଦ୍ରଙ୍କ ପାଇଁ ଦୀପଦାନ

ପୁରୀ ଅଫିସ/ ଅସ୍ତରଙ୍ଗ, ୨୬।୯(ଡି.ଏନ୍.ଏ.): କରୋନା ଆକ୍ରାନ୍ତ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମାଙ୍କ ଓ କାକଟପୁର ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ଆରୋଗ୍ୟ କାମନା କରି ଅସ୍ତରଙ୍ଗ ବିଜେଡି କର୍ମକର୍ତ୍ତା ମା' ଜାଗୁଲେଇଙ୍କ ନିକଟରେ ଦୀପଦାନ କରିଛନ୍ତି। କିଛିଦିନ ତଳେ ଏହି ଦୁଇ ଜଣ କରୋନାରେ ସଂକ୍ରମିତ ହୋଇଥିଲେ। ଏ ନେଇ ଦଳୀୟ କର୍ମୀମାନେ ସେମାନଙ୍କ ଆରୋଗ୍ୟ କାମନା କରିବା ସହ ମହାମାରୀ କରୋନା ମାନବ ସମାଜରୁ କିଭଳି ଦୂର ହେବ ସେଥିପାଇଁ ଠାକୁରାଣୀଙ୍କ ନିକଟରେ ନିବେଦନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ସମିତିସଭ୍ୟ ଦିବାକର ଛାଟୋଇ, ସରପଞ୍ଚ ଅଧିକାରୀ ବେହେରା, ପ୍ରଫୁଲ୍ଲ ବେହେରା, ସମିତିସଭ୍ୟ ନିରୁପମା କାଣ୍ଡି, ସାଇରଞ୍ଜନ ପ୍ରଧାନ, ପୀତବାସ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଦାସବର୍ମାଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ଏଥିରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଷ୍ଟାଲିନ ପରିଜା, ରାଜ୍ୟ ବିଜେଡିର ମହିଳା ପ୍ରଭାରୀ ପୁଷ୍ପାଞ୍ଜଳି ରଣା, ପୁରୀ ଜିଲା ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଏମ୍ସିର କୋଭିଡ୍ ପରିଚାଳନାକୁ ନେଇ ଅସନ୍ତୋଷ



■ ଟୁଇଟରରେ ଗଦା ଗଦା ଅଭିଯୋଗ

■ ପୁଣି ୩୧୯ ପଜିଟିଭ୍, ୩୫୩ ସୁସ୍ଥ

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର କୋଭିଡ୍ ପରିଚାଳନାକୁ ନେଇ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଏମ୍ସି ଶନିବାର ନିଜ ଟୁଇଟରରେ କରୋନା ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିବାପରେ ଲୋକେ ନାନା ଅଭିଯୋଗ କରିଛନ୍ତି। ଆକ୍ରାନ୍ତଙ୍କୁ ସୂଚନା ଦେବାଠାରୁ ଆରମ୍ଭ କରି ବିଶୋଧନ, କଣ୍ଟାକ୍ଟ ଟ୍ରେସିଂ, ସର୍ଭେ, ଖୋର୍ଦ୍ଧା ପ୍ରଶାସନ ସହ ବିଏମ୍ସିର ତଥ୍ୟରେ ଅମେଳ, ସୁସ୍ଥ ବ୍ୟକ୍ତିଙ୍କ ତଥ୍ୟ ନ ମିଳିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ବିଏମ୍ସି ତଥ୍ୟ ଲୁଚାଉଥିବା ନେଇ ମଧ ଏକାଧିକ ଅଭିଯୋଗ ରହିଥିବା ଦେଖିବାକୁ ମିଳୁଛି। ବିଶେଷକରି ଜନସାଧାରଣଙ୍କ ଏପରି ଆକ୍ରୋଶ ବିଏମ୍ସିର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନେଇ ବିଏମ୍ସିର କୌଣସି ଅଧିକାରୀ ମୁହଁ ଖୋଲୁ ନ ଥିବାବେଳେ ଏ ସଂକ୍ରାନ୍ତରେ ସମସ୍ତ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରାଯାଉଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରେ ସଂକ୍ରମଣ ଅଧିକ ରହୁଥିବାରୁ ଲୋକଙ୍କ ମଧରେ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସହରରୁ ଆଉ ୩୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୬୨ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୨୫୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୫୨୮କୁ ବୃଦ୍ଧିପାଇଛି। ଏଥିସହ ଆଉ ୩୫୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧୬୮୬୪କୁ ବୃଦ୍ଧିପାଇଥିବା ବିଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏବେବି ସହରରେ ୩,୫୬୪ଜଣ ଆକ୍ରାନ୍ତ ସକ୍ରିୟ ଥିବାବେଳେ ମୋଟ ୮୪ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଏଥିସହ ସଙ୍ଗରୋଧରୁ ଚିହ୍ନଟ ପଜିଟିଭଙ୍କ ମଧରେ ଚନ୍ଦ୍ରଶେଖରପୁରରୁ ୫ଜଣ, ଶହୀଦନଗର, ରସୁଲଗଡ଼ରୁ ୪ ଜଣ, ବଡ଼ଗଡ଼, ପୋଖରିପୁଟ ଓ ପଟିଆରୁ ୩ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମଣ ଯୋଗୁ ନୟାପଲ୍ଲୀରୁ ଏକାଥରେ ୧୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ପଟିଆରୁ ୧୩, ଚନ୍ଦ୍ରଶେଖରପୁରରୁ ୧୨, ସାଲିଆସାହିରୁ ୧୧ ଜଣ, ଖଣ୍ଡଗିରିରୁ ୧୦ ଜଣ, ନିଳାଦ୍ରୀ ବିହାର, ୟୁନିଟ-୯, ମଞ୍ଚେଶ୍ୱର କଲୋନି, ଡୁମୁଡୁମାରୁ ୮ ଜଣ, ଆଇଆରସି ଭିଲେଜ, ଚିନ୍ତାମଣିଶ୍ୱର, ରସୁଲଗଡ଼ରୁ ୭ ଜଣ ଲେଖା, ସାମନ୍ତରାପୁରରୁ ୬ ଜଣ, ବରମୁଣ୍ଡାରୁ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ସହରର ବିଭିନ୍ନ ସ୍ଥାନରୁ ଜଣେ ଦୁଇଜଣ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି।





आसन्ना

ଆସନ୍ତା ୨୯ ତାରିଖରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସମସ୍ତ ବିଧାୟକଙ୍କ କୋଭିଡ୍ ଟେଷ୍ଟ ନିମନ୍ତେ ଶନିବାର ବିଧାନସଭା ପରିସରରେ ଆୟୋଜିତ ସ୍ୱାସ୍ଥ୍ୟ କ୍ୟାମ୍ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ସବୁ ଦଳର ବିଧାୟକ ଓ ବିଧାନସଭା କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯାଉଛି।

# ଛାତ୍ରୀଛାତ୍ରଙ୍କୁ ରେଡିଓ, ସ୍ମାର୍ଟ ଫୋନ୍ ଦିଅନ୍ତୁ ସରକାର

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଜରିଆରେ ଅନୁରୋଧ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

କରୋନ ମହାମାରୀ ଯୋଗୁ ସ୍କୁଲ୍, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ୬ ମାସ ଧରି ବନ୍ଦ ରହିଛି। ଟିଭି ଓ ଇଣ୍ଟରନେଟ ଜରିଆରେ ଅନ୍ଲାଇନ ପାଠପଢା ଚାଲିଛି। ମାତ୍ର ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ ନ ଥିବାବେଳେ ରାଜ୍ୟର ଅଧିକାଂଶ ଗାଁକୁ ଟେଲି ଯୋଗାଯୋଗର ବ୍ୟବସ୍ଥା ନାହିଁ। ଏହାଦ୍ୱାରା ଅନେକ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ରାଜ୍ୟର ୫୩ ହଜାର ୩୫୩ ଗ୍ରାମ ମଧ୍ୟରୁ ୧୧ ହଜାର ଗ୍ରାମରେ ଟେଲି ଯୋଗାଯୋଗ ପହଞ୍ଚିପାରି ନାହିଁ। ଏପରି କି ୯ ହଜାର ୯୪୦ଟି ଗ୍ରାମ ଆଦିବାସୀ ଅଧ୍ୟୁଷିତ ଗାଁ। ତେଣୁ ଛାତ୍ରୀଛାତ୍ରମାନେ ନେଟ୍ୱର୍କ ପାଇଁ କେଉଁଠି ପାହାଡ ଉପରେ ତ କେତେବେଳେ ପାଣିଟାଙ୍କି ଓ ଗଛ ଉପରେ ଚଢି ଅନ୍ଲାଇନରେ କ୍ଲାସ କରୁଥିବା ଦେଖିବାକୁ ମିଳୁଛି। ମାତ୍ର ଗରିବ, ଦିନ ମଜୁରିଆ ଖଟିଖିଆ ନିଜ ପିଲାଙ୍କୁ ସ୍ମାର୍ଟ ଫୋନ୍ଟିଏ କିଣିଦେବାରେ ନାନଦି ସମସ୍ୟା ଉପୁଜିଛି। ଫଳରେ ବାଧହୋଇ କିଏ ଗାଇ ବଳଦ ଜମି ବିକି ପିଲାଙ୍କୁ ସ୍ମାର୍ଟ ଫୋନଟିଏ ଦେଉଛି। ଏହି କରୁଣ ଚିତ୍ରରୁ ଦାରିଦ୍ର ସୀମାରେଖା ତଳେ ଥିବା ପରିବାରକୁ ରକ୍ଷା କରିବା ପାଇଁ ସରକାର ଚିନ୍ତା କରନ୍ତୁ। ସରକାର ଚାଷୀମାନଙ୍କ ଭଳି ରାଜ୍ୟରେ ଦାରିଦ୍ର୍ୟ ସୀମା ରେଖାତଳେ ଥିବା ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଫୋନ ଯୋଗାଇଦେବାର ବ୍ୟବସ୍ଥା କରିବା ନେଇ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି। ଏ ନେଇ ରାଜ୍ୟ ସଭାପତି ରବି କହିଛନ୍ତି, ଆସନ୍ତା ୨୮ ତାରିଖରୁ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ରେଡିଓ ପାଠଶାଳା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ଅଧିକାଂଶ ଲୋକଙ୍କ ନିକଟରେ ରେଡିଓ ନାହିଁ। ଯାହା ଫଳରେ ୩୮ ଲକ୍ଷ ଛାତ୍ରୀଛାତ୍ର ରେଡିଓ ପାଠଶାଳା କାର୍ଯ୍ୟକ୍ରମରୁ ବାଦ୍ ପଡିବେ। ତେଣୁ ଏଭଳି କାର୍ଯ୍ୟକ୍ରମ ରାଜ୍ୟ ସରକାର ହାତକୁ ନେବା ଆଗରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଜରରେ ରଖି ତୁରନ୍ତ ରେଡିଓ ସ୍ମାର୍ଟଫୋନ ଯୋଗାଇ ଦେବାକୁ ସେ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ଚିଠି ଜରିଆରେ ଅନୁରୋଧ କରିଛନ୍ତି।

## ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପ୍ରତି ଅଣଦେଖା

କଟକ ଅଫିସ, ୨୬।୯

କଟକରେ ଥିବା ସର୍ବପୁରାତନ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପ୍ରତି ସରକାରଙ୍କ ଅଣଦେଖା ଯୋଗୁ ଏବେ ଏହା ବନ୍ଦ ହେବା ଅବସ୍ଥାକୁ ଚାଲିଆସିଲାଣି ବୋଲି ସଂସ୍ଥାନର ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଭିନ୍ନ ହିନ୍ଦୀ ସଙ୍ଗଠନର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଏବେ ବନ୍ଦ ହେବାକୁ ବସିଛି। ଏହି ଅନୁଷ୍ଠାନ ୧୯୫୬ ମସିହାରୁ ରାଜ୍ୟ ସରକାରଙ୍କ ଅଧୀନରେ ଚାଲିଆସୁଥିଲା। ଅଦ୍ୟାବଧି ଶେଷ ଦୁଇବର୍ଷର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ୬ଜଣ ଅଧାପକ ଏବଂ ପ୍ରାଚାର୍ଯ୍ୟ ନିଯୁକ୍ତି ହେଲା ପରେ ଚଳିତବର୍ଷ ଆଡ୍ମିଶନ୍ ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷାବିତ ପ୍ରଫେସର ରାଧାକାନ୍ତ ମିଶ୍ର, ସାହିତ୍ୟିକ ଡ. ଶଙ୍କରଲାଲ ପୁରୋହିତ, ଡ. ବିଜୟ କୁମାର ମହାନ୍ତି, ଡ. ଲକ୍ଷ୍ମୀଧର ଦାଶ, ଡ. ଅଜିତ ପ୍ରସାଦ ମହାପାତ୍ର ଏବଂ ଓଡ଼ିଶା ହିନ୍ଦୀ ଏକାଡେମୀର ସଂସ୍ଥାପକ ତାରେଣୀ ପ୍ରସାଦ ମହାନ୍ତି ପ୍ରମୁଖ ଏହି ସଂସ୍ଥାନ ପ୍ରତି ସରକାର ଦୃଷ୍ଟି ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ସଂସ୍ଥାନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିନାହିଁ।

# ରାସ୍ତାରେ ପୋଲିସକୁ ହାତ ଉଠାଇଲେ ମହିଳା

**ଦୁର୍ଘଟଣାକୁ ନେଇ ଉତ୍ତେଜନା**

■ ପିସିଆର ଚାବି ଛଡାଇବାକୁ ଉଦ୍ୟମ କଲେ

■ ବରିଷ୍ଠ ଅଧିକାରୀଙ୍କ ବୁଝାଶୁଝା ପରେ ଶାନ୍ତ ପଡିଲେ

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଲିଙ୍ଗରାଜ ଥାନା ଅନ୍ତର୍ଗତ ମାଉସୀ ମା' ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପୋଲିସ ଫୋର୍ସଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ସହ ସ୍କୁଟିରେ ଯାଉଥିବା ୩ ଜଣ ମହିଳାଙ୍କ ଦୁର୍ଘଟଣା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଦୁର୍ଘଟଣାର ଶିକାର ମହିଳାଙ୍କୁ ଉଦ୍ଧାର କରିବାବେଳେ ଜଣେ ମହିଳା ପୋଲିସ ଉପରକୁ ହାତ ଉଠାଇବା ସହ ଦୁର୍ବ୍ୟବହାର କରିଥିଲେ। ଏହାପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ମାତ୍ର ଘଟଣା ସ୍ଥଳରେ ଜୋନ୍ ଏସିପି ବିଷ୍ଣୁ ପାତ୍ର ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ମାଉସୀ ମା ଛକ ଓଭରବ୍ରିଜ ଉପରକୁ ୩ ଜଣ ଯୁବତୀ ସ୍କୁଟିରେ ଯାଉଥିବାବେଳେ ଏକ ପୋଲିସ ଭ୍ୟାନ ସମ୍ମୁଖରେ ନିୟନ୍ତ୍ରଣ ହରାଇ ତଳେ ଖସିପଡିଥିଲେ। ଭ୍ୟାନ୍ରେ ଯାଉଥିବା ପୋଲିସ ଫୋର୍ସ ଓହ୍ଲାଇ ସେମାନଙ୍କୁ ଉଦ୍ଧାର କରିବା ବେଳେ ଆହତ ମହିଳା ହଠାତ୍ ରାଗିଯାଇ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ପିସିଆର୍ ପହଞ୍ଚିବା ପରେ ମଧ ସେମାନଙ୍କ ସହ ବଚସା କରି ପିସିଆର ଚାବି ଛଡାଇବାକୁ ଉଦ୍ୟମ କରିଥିଲେ। ଉକ୍ତ ମହିଳାଙ୍କର ଏପରି ବ୍ୟବହାରକୁ ନେଇ ଉପସ୍ଥିତ ଲୋକେ ତାଙ୍କ ଲେଡି ଡନ୍ ବୋଲି କହୁଥିବା ଶୁଣିବାକୁ ମିଳିଥିଲା।

## ପୁରୀର ସବୁ ବାସିନ୍ଦାଙ୍କ କୋଭିଡ୍ ଟେଷ୍ଟ ହେଉ

ପୁରୀ ଅଫିସ,୨୬।୯

ଲକ୍ଡାଉନ ଓ ଶଟ୍ଡାଉନ କଟକଣା ହଟିଯିବା ପରେ ପୁରୀ ସହରରେ କରୋନା ସଂକ୍ରମିତ ଏବଂ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ପୂର୍ବରୁ ସଂକ୍ରମଣ ହାର କମ୍ ରହୁଥିଲା। କିନ୍ତୁ ଏବେ ଦ୍ରୁତଗତିରେ ବଢୁଛି। ତେଣୁ ପୁରୀ ସହରର ଜନସାଧାରଣ ଏବଂ ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସହରର ସବୁ ବାସିନ୍ଦାଙ୍କ କୋଭିଡ୍ ଟେଷ୍ଟ କରିବା ଲାଗି ଜିଲା କଂଗ୍ରେସ କମିଟି ଦାବି କରିଛି। ଏହା କରାଗଲେ ପୁରୀରେ ଏହି ମହାମାରୀକୁ ନିୟନ୍ତ୍ରଣ ସହ ଜୀବନକୁ ମଧ ସୁରକ୍ଷା ଦିଆଯାଇପାରିବ ବୋଲି କମିଟି ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ୧୦ ଫୁଟର ଅଜଗର ଉଦ୍ଧାର



ଖୁଣ୍ଟୁଣୀ,୨୬।୯(ଡି.ଏନ୍.ଏ.)

ଖୁଣ୍ଟୁଣୀ କଲେଜ ସାମ୍ନା କଂକ୍ରିଟ ରାସ୍ତାପାର୍ଶ୍ୱରୁ ଶନିବାର ଏକ ୧୦ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି। ଏହାକୁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଉଦ୍ଧାର କରାଯିବା ପରେ କପିଳାସ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଛି। ଏହି ସାପଟି ସ୍ଥାନୀୟ ଜଙ୍ଗଲରୁ ପଳାଇ ଆସି ରାସ୍ତାପାର ହେଉଥିବାବେଳେ ସ୍ଥାନୀୟ ଲୋକ ଦେଖିଥିଲେ। ଖବରପାଇ ସ୍ନେକ ହେଲ୍ପଲାଇନର ସଦସ୍ୟ ସ୍ମୃତିରଞ୍ଜନ ବେଉରା ପହଞ୍ଚି ସାପକୁ ଧରି ବନାଞ୍ଚଳକୁ ଜଣାଇଥିଲେ। ବନାଞ୍ଚଳ ପକ୍ଷରୁ ବନ ଅଧିକାରୀ ପ୍ରଶାନ୍ତ ବେହେରା ଘଟଣାସ୍ଥଳକୁ ଆସି ସାପକୁ ନେଇ ଜଙ୍ଗଲରେ ଛାଡ଼ିଛନ୍ତି।

# ଠିକ୍ ଭାବେ ମିଳୁନି କୋଭିଡ୍ ଟେଷ୍ଟ ରିପୋର୍ଟ

**ଟେଷ୍ଟିଂ ସେଣ୍ଟରରେ ରହୁନି ସାମାଜିକ ଦୂରତ୍ୱ**

କଟକ ଅଫିସ,୨୬।୯

କଟକ ଜିଲାରେ କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବିଶେଷକରି ଟେଷ୍ଟିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ତେବେ ଟେଷ୍ଟ ରିପୋର୍ଟ ଠିକ୍ ଭାବେ ମିଳୁନାହିଁ। ଏପରି କି ଟେଷ୍ଟର ୨୦ଦିନ ପରେ ବି ରିପୋର୍ଟ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। କଟକ ମହାନଗର ନିଗମ ଅଧୀନ ପ୍ରାୟ ୧୦ଟି ଟେଷ୍ଟିଂ ସେଣ୍ଟରରେ କୋଭିଡ୍ ଟେଷ୍ଟ କରାଯାଉଛି। ସିଡିଏ, ଚାଉଳିଆଗଞ୍ଜ, ବମ୍ପକୁଦା, ଓଡିଆ ବଜାର, ନୂଆବଜାର, ବ୍ରଜରମ୍ପା, ଜଗତପୁର, ସିଆର୍ଆର୍ଆଇ ବିଦ୍ୟାଧରପୁର, ଷଣ୍ଡପୁର ୟୁପିଏଚ୍ସି ଏବଂ ଥୋରିଆ ସାହି ବାଳିକା ଉଚ୍ଚବିଦ୍ୟାଳୟରେ କୋଭିଡ୍ ଟେଷ୍ଟ ସେଣ୍ଟର ହୋଇଛି। ଏହାବ୍ୟତୀତ ଏସ୍ସିବି ମେଡିକାଲ ଏବଂ ସିଟି ହସ୍ପିଟାଲରେ ମଧ ଟେଷ୍ଟିଂ ସେଣ୍ଟର ଖୋଲାଯାଇଛି।



କୋଭିଡ୍ ଟେଷ୍ଟିଂ ସେଣ୍ଟରରେ ଲୋକଙ୍କ ଭିଡ଼।

ହେଲେ ଯେଉଁ ବ୍ୟକ୍ତି ଟେଷ୍ଟ କରୁଛନ୍ତି ସେମାନେ ଠିକ୍ ଭାବେ ନିଜର ରିପୋର୍ଟ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଗତ ସେପ୍ଟେମ୍ବର ୬ରୁ ଟାଙ୍ଗୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଥଣ୍ଡା ଜ୍ୱର ଥିବାରୁ ସେ ଚାଉଳିଆଗଞ୍ଜ ୟୁସିଏଚ୍ସିରେ କୋଭିଡ୍ ଟେଷ୍ଟ କରାଇଥିଲେ। ତାଙ୍କର ଆର୍ଟି-ପିସିଆର ଟେଷ୍ଟ ହୋଇଥିଲା। ଏହାର ରିପୋର୍ଟ ୭୨ଘଣ୍ଟା ପରେ ଜଣାପଡ଼ିଥାଏ। ଯଦି ରିପୋର୍ଟ ପଜିଟିଭ ଥାଏ ତେବେ ସିଏମ୍ସି ତରଫରୁ ଫୋନ୍ କଲ୍ ମାଧମରେ ଜଣାଇ ଦିଆଯିବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷେ ନେଗେଟିଭ ଥିଲେ ଟେଷ୍ଟର ୮ ଦିନ ପରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରୁ ରିପୋର୍ଟ ମିଳିବ ବୋଲି ସୂଚନା ଦିଆଯାଇଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ଟେଷ୍ଟ କରିବାର ୭୨ଘଣ୍ଟା ପରେ ବି ସିଏମ୍ସି ତରଫରୁ କୌଣସି ଫୋନ୍ କଲ ଯାଇ ନ ଥିଲା। ସେ ସ୍ଥାନୀୟ ହସ୍ପିଟାଲକୁ ୮ ଦିନ ପରେ ରିପୋର୍ଟ ଆଣିବାକୁ ଯାଇଥିଲେ। ହେଲେ ମେଡିକାଲ କର୍ତ୍ତୃପକ୍ଷ କୌଣସି ରିପୋର୍ଟ ନ ଥିବା କହି ତାଙ୍କୁ ଫେରାଇ ଦେଇଥିଲେ। ଏହାପରେ ଉକ୍ତ ବ୍ୟକ୍ତି ଜଣକ ଚାଉଳିଆଗଞ୍ଜ ୟୁସିଏଚ୍ସି ଆସିଥିଲେ। ସେଠାରୁ ମଧ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ଟେଷ୍ଟ କରିବାର ଇତିମଧରେ ୨୦ ଦିନ ବିତିସାରିଥିଲେ ମଧ ଏଯାଏ ରିପୋର୍ଟ ପାଇ ନ ଥିବା ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ସାମାଜିକ ଦୂରତା ରହୁନାହିଁ। ଏହାଦ୍ୱାରା ଜଣେ ଯଦି ପଜିଟିଭ୍ ହୋଇଥିବେ ତା'ହେଲେ ତାଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ସିଏମ୍ସି ପକ୍ଷରୁ ଖୋଲାଯାଇଥିବା କୋଭିଡ୍ କଣ୍ଟ୍ରୋଲ ରୁମ୍କୁ ଯୋଗାଯୋଗ କଲେ ମଧ କୌଣସି ଉତ୍ତର ମିଳୁନାହିଁ। ଅନେକ ସମୟରେ ରାତି ୮ଟା ପରେ ଜାରି ନମ୍ବର ୭୦୭୭୭୭୫୫୪୫୫ ବନ୍ଦ ଥିବା ଦର୍ଶାଉଛି। ତେବେ ଏ ନେଇ ସିଏମ୍ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମହେନ୍ଦ୍ର ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

ଚୌଦ୍ୱାର,୨୬।୯(ଡି.ଏନ୍.ଏ.)

ଯାତ୍ରା କଳାକାର ମହେନ୍ଦ୍ର ଦାଶ (ଭିକୁ ସେଠ)ଙ୍କ ବିୟୋଗରେ ଯାତ୍ରା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ଶନିବାର ଚୌଦ୍ୱାର ଲେବରଟେର୍ଣ୍ଣାମେଣ୍ଟସ୍ଥିତ ଯଯାତି କେଶରୀ କ୍ଲବରେ ଯଯାତି କେଶରୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଜଲିଉଡର ବହୁ କଳାକାର ଯୋଗଦେଇ ଏହି ମତ ରଖିଛନ୍ତି। ପୁରୀ ଜିଲାରେ ତାଙ୍କର ପୈତୃକ ଘର ହୋଇଥିଲେ ମଧ ଚୌଦ୍ୱାରକୁ ନିଜର ବାସସ୍ଥାନ କରିଥିଲେ। କ୍ଲବ ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଓଡ଼ିଶା ସଭାପତି ଦୈତାରୀ ପଣ୍ଡା, ଉପଦେଷ୍ଟା ବାପି ପଣ୍ଡା, ସମ୍ପାଦକ ଆର.କେ.ହୀରାଲାଲ, ହୃଷୀକେଶ ପଣ୍ଡା, ଗୌର ଦାସଙ୍କ ସମେତ ବହୁ କଳାକାର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରମେଶ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ନାଟକର ଶେଷଦୃଶ୍ୟ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

